ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୧୩ ଜାନୁୟାରୀ, ୨୦୨୨



## ଭାସିଯାଇଥିବା ବାଳକର ମୃତଦେହ ଜବତ

ସମ୍ବଲପୁର,(ବ୍ୟୁରୋ): ବୁର୍ଲା ଥାନା ପିସି ବ୍ରିଜ ପାୱାର ଚାନେଲରେ ଭାସିଯାଇଥିବା ୧୦ବର୍ଷ ବାଳକର ମୃତଦେହ ବୁଧବାର ଜବତ ହୋଇଛି। ଗତ ୯ ତାରିଖରେ ବୁର୍ଲା ଶିବ ମନ୍ଦିର ପଡା ନିକଟ ପାୱାର ଚେନାଲରେ ମାଆ ଆଖି ଆଗରେ ପୁଅ ରୋହନ ପଞ୍ଚବିହାର ଗାଧୋଉଥିବା ବେଳେ ଭାସିଯାଇଥିଲେ। ବୁର୍ଲା ଓ ସମ୍ବଲପୁର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଖୋଜିଥିଲେ ମଧ ରୋହନଙ୍କ ପତ୍ତାପାଇ ନ ଥିଲେ। ବୁଧବାର ପାୱାର ଚାନେଲ ବିଭିନ୍ନ ଅଞ୍ଚଳରେ ଖୋଜିବା ପରେ ରୋହନଙ୍କ ମୃତଦେହ ମିଳିଥିଲା ବୋଲି ଅଗ୍ନିଶମ ଅଧିକାରୀ ଜିତେନ୍ଦ୍ର କୁମାର ବିଶ୍ୱାଳ କହିଛନ୍ତି।

## ସଂକ୍ଷେପରେ

### ଲୋକନୃତ୍ୟ ଶିଳ୍ପୀ ସୁପ୍ରୀତିଙ୍କୁ ଜାତୀୟ ଜୁନିୟର ଫେଲୋଶିପ

ସମ୍ବଲପୁର,୧୨।୧(ବ୍ୟୁରୋ): ସମ୍ବଲପୁରୀ ନୃତ୍ୟରେ ଗବେଷଣା ଲାଗି ନୃତ୍ୟଶିଳ୍ପୀ



ସୁପ୍ରୀତି ମିଶ୍ର ଜୁନିୟର ଫେଲୋଶିପ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ୨୦୧୯-୨୦ ବର୍ଷ ସକାଶେ ଲୋକନୃତ୍ୟ ବିଭାଗରେ ସୁପ୍ରୀତିଙ୍କୁ ଏହା ପ୍ରଦାନ କରିଛି। ଏଥିପାଇଁ ତାଙ୍କୁ ନୃତ୍ୟଗୁରୁ, ନୃତ୍ୟ ଶିଳ୍ପୀ, ସାଂସ୍କୃତିକ ଅନୁଷ୍ଠାନ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି। ଆଗକୁ ଲୋକନୃତ୍ୟରେ ଗବେଷଣା କରିବାକୁ ସୁଯୋଗ ମିଳିଛି। ଅନେକ ପୁସ୍ତକ ମଧ ରଚନା କରିବି ବୋଲି ସୁପ୍ରୀତି କହିଛନ୍ତି।

### ବିଦ୍ୟୁତ୍ ଦର ନିର୍ଦ୍ଧାରଣ କରେନାହିଁ ଟାଟା ପାୱାର

ସମ୍ବଲପୁର,୧୨।୧(ବ୍ୟୁରୋ): ରାଜ୍ୟ ସରକାର ଓ ଟାଟା ପାୱାର ଲିମିଟେଡ ମିଳିତ ଭାବେ ବିଦ୍ୟୁତ୍ ବିତରଣ ଦାୟିତ୍ୱ ତୁଲାଇଛନ୍ତି। ଟାଟା ପାୱାର ଦାୟିତ୍ୱ ନେବା ପରେ ବିଦ୍ୟୁତ୍ ଦର ବୃଦ୍ଧି ପାଇଛି ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି। ହେଲେ କମ୍ପାନୀ ଦର ବୃଦ୍ଧି କିମ୍ବା କମ୍ କରିବା ନେଇ କୌଣସି ନିଷ୍ପତ୍ତି ନେଇପାରିବ ନାହିଁ। ଏହା ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ନିର୍ଦ୍ଧାରଣ କରିଥାଏ ବୋଲି ଟାଟା ପାୱାର ପକ୍ଷରୁ କମ୍ପାନୀ କର୍ପୋରେଟ କମ୍ୟୁନିକେଶନ ବିଭାଗ ମୁଖ୍ୟ ମନୋଜ ପଟ୍ଟନାୟକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି। ସେ ଏଥିରେ ଉଲ୍ଲେଖ କରିଛନ୍ତି, ଉତ୍ପାଦନ, ପରିବହନ ଓ ବିତରଣ ଖର୍ଚ୍ଚ ଅନୁସାରେ ବିଦ୍ୟୁତ୍ ଦର ନିର୍ଦ୍ଧାରଣ ହୋଇଥାଏ। ଏଥିରେ ନିୟାମକ ଆୟୋଗ, ବିତରଣ କମ୍ପାନୀ, ଗ୍ରାହକ ଓ ଜନସାଧାରଣଙ୍କ ଭୂମିକା ରହିଥାଏ। ସମସ୍ତଙ୍କ ପକ୍ଷକୁ ଦେଖି ଆୟୋଗ ଦର ନିର୍ଦ୍ଧାରଣ କରନ୍ତି, ଯାହା ବିତରଣ କମ୍ପାନୀ ଲାଗୁ କରିଥାଏ।

### କୂଅରୁ ବାର୍‌ହା ଉଦ୍ଧାର

ଝାରସୁଗୁଡ଼ା ଅଫିସ,୧୨।୧: ଝାରସୁଗୁଡା ଜିଲା କୋଲାବିରା ରେଞ୍ଜ ସିରିଆପାଲି ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଗୁଡିଗାଁ ନିର୍ଗୁନଡିହିର ହରିହର ନେଟୀଙ୍କ ଘର କୂଅରେ ବୁଧବାର ସକାଳେ ଏକ ବାର୍‌ହା ଖସି ପଡିଥିଲା। ଖବରପାଇ ବନବିଭାଗ ଓ ଅଗ୍ନିଶମ ବିଭାଗ ମିଳିତ ଉଦ୍ୟମରେ କୂଅରୁ ବାର୍‌ହାକୁ ଉଦ୍ଧାର କରାଯାଇଥିଲା। ପରେ ଏହାକୁ ଜଙ୍ଗଲରେ ଛାଡିଦିଆଯାଇଥିଲା। ଉଦ୍ଧାର କାର୍ଯ୍ୟରେ କୋଲାବିରା ରେଞ୍ଜର ଶରତ ଚନ୍ଦ୍ର ପଣ୍ଡା, ସିରିଆପାଲି ଫରେଷ୍ଟର ରମାକାନ୍ତ ନାୟକ ସାମିଲ ଥିଲେ।

### ସ୍ତ୍ରୀ ତଣ୍ଟିଚିପି ହତ୍ୟାକଲେ ସ୍ୱାମୀ

ସୁନ୍ଦରଗଡ,୧୨।୧ (ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ତଲସରା ଥାନା ଭଣ୍ଡାରୀଶଙ୍କରା ଗ୍ରାମରେ ଘରୋଇ କଳିକୁ କେନ୍ଦ୍ରକରି ନନ୍ଦୁ କରାଳି (୩୦) ସ୍ତ୍ରୀର ତଣ୍ଟିଚିପି ହତ୍ୟା କରିଛନ୍ତି। ଖବରପାଇ ତଲସରା ଥାନା ଆଇଆଇସି ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କ ମୃତଦେହ ଜବତକରି ବ୍ୟବଚ୍ଛେଦ ସକାଶେ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇ ତଦନ୍ତ କରିଛି। ପୋଲିସ ନନ୍ଦୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ ଭଣ୍ଡାରିଶଙ୍କରା ଗ୍ରାମର ନନ୍ଦୁଙ୍କ ପ୍ରଥମ ସ୍ତ୍ରୀ ତାଙ୍କୁ ଛାଡି ଚାଲିଯିବା ପରେ ଗତ ୩ମାସ ହେବ ହେମଗିର ଥାନା ରତନସରା ଗ୍ରାମର ପୁଷ୍ପା ବାଗ (୩୫)ଙ୍କୁ ସ୍ତ୍ରୀ ଭାବେ ଗ୍ରହଣ କରିଥିଲେ। ଉଭୟେ ଦିନ ମଜୁରିଆ ଭାବେ କାମଧନ୍ଦା କରି ଚଳିଆସୁଥିବା ବେଳେ ବୁଧବାର ସକାଳେ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ଘରେ ପାଟିତୁଣ୍ଡ ହୋଇଥିଲା।

### ସିଭିଲ କୋର୍ଟକୁ ବନ୍ଦ କଲା ରାଉରକେଲା ଓକିଲ ସଂଘ

ରାଉରକେଲା ଅଫିସ,୧୨।୧: ରାଉରକେଲା ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟର କୋଭିଡ୍ ଟେଷ୍ଟରେ ୪୦ ଜଣଙ୍କ ସହ ମାଜିଷ୍ଟ୍ରେଟ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ରାଉରକେଲା ଓକିଲା ସଂଘ ସିଭିଲ କୋର୍ଟକୁ କଣ୍ଟେନ୍‌ମେଣ୍ଟ ଜୋନ ଭାବେ ଘୋଷଣା କରିଛନ୍ତି। ଏନେଇ ରାଉରକେଲା ଓକିଲ ସଂଘର ସଭାପତି ରମେଶ ବଳ ଜିଲା ଜଜ୍ ତଥା ଆରଏମ୍‌ସି କମିଶନରଙ୍କୁ ଅବଗତ କରାଇ ଓକିଲଙ୍କ ସୁରକ୍ଷା ପାଇଁ ଏଭଳି ପଦକ୍ଷେପ ନେଇଥିବା ସୂଚନା ଦେଇଛନ୍ତି। ଏଥିସହ ଆସନ୍ତା ୧୭ ତାରିଖ ୧୦ଟାରେ ବାର ହଲ ପରିସରରେ ସମସ୍ତ ଆଇନଜୀବୀଙ୍କ କୋଭିଡ ଟେଷ୍ଟ କରାଯିବ ବୋଲି ବଳ କହିଛନ୍ତି।

# ଅନୁଦାନ ପ୍ରଦାନକୁ ଭିଏଚ୍‌ପିର ବିରୋଧ

ସମ୍ବଲପୁର,୧୨।୧(ବ୍ୟୁରୋ)



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଭିଏଚ୍‌ପି ସଦସ୍ୟମାନେ।

**ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲେ କର୍ମକର୍ତ୍ତା**

ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ମିଶନାରୀ ସଂସ୍ଥାକୁ ଅନୁଦାନ ଦେବାକୁ ବିରୋଧ କରି ବୁଧବାର ସମ୍ବଲପୁର ପଶ୍ଚିମ ପ୍ରାନ୍ତ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଜିଲା ପ୍ରଶାସନ ଜରିଆରେ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟପାଳ ଏଥିରେ ହସ୍ତକ୍ଷେପ କରି ପଦକ୍ଷେପ ଗ୍ରହଣ କରିବାକୁ ପରିଷଦ କର୍ମକର୍ତ୍ତା ଅନୁରୋଧ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ରାଜ୍ୟରେ ହିନ୍ଦୁମାନେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବାରଣ ମଧ୍ୟରେ ବସବାସ କରୁଛନ୍ତି। ହେଲେ ଅନ୍ୟ କେତେକ ସମ୍ପ୍ରଦାୟ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଓ ଭଦ୍ରକ ଦଙ୍ଗା ଘଟଣାକୁ ଉଦାହରଣ ଭାବେ ଦର୍ଶାଇଛନ୍ତି। ଏପରିସ୍ଥଳେ ମୁଖ୍ୟମନ୍ତ୍ରୀ ମିଶନାରୀ ସଂସ୍ଥାକୁ ଆର୍ଥିକ ପ୍ରୋତ୍ସାହନ ଓ ସମସ୍ତ ସୁବିଧା ଯୋଗାଇ ଦେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର ୧୩ ଗୋଟି ମିଶନାରୀକୁ ୭୮ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଗରିବ, ଅସହାୟ, ରୋଗୀ, ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଥିବା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଏହି ଅନୁଦାନ ଦିଆଯାଇଛି। ଏହା ରାଜ୍ୟ ସରକାରଙ୍କ ତୁଷ୍ଟୀକରଣ ନୀତି। ଏପରି କି ଏହା ହିନ୍ଦୁ ବିରୋଧୀ ମାନସିକତା ବୋଲି ଦର୍ଶାଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ବ୍ରହ୍ମପଣ୍ଡିତ ମହାସଭାର ସାଧାରଣ ସମ୍ପାଦକ ପଣ୍ଡିତ ଚନ୍ଦ୍ରକାନ୍ତ ପାଣିଗ୍ରାହୀ, ବଜରଙ୍ଗଦଳ ପଶ୍ଚିମପ୍ରାନ୍ତ ସଂଯୋଜକ ସୁଧୀର ରଞ୍ଜନ ବହିଦାର, ଶରତ କୁମାର ପ୍ରଧାନ, ରାମ ଚନ୍ଦ୍ର ନାଏକ, ରାଜୀବ କୁମାର ଶତପଥୀ, ଆଦିତ୍ୟ କୁମାର ପୁରୋହିତ, ଚିଣ୍ଟୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା: ସିନିୟରରେ ତେଜସ୍ୱିନୀ, ଜୁନିୟରରେ ଶ୍ରଦ୍ଧା ବିଜୟୀ



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ସମ୍ବଲପୁର,୧୨।୧(ବ୍ୟୁରୋ)

ଝୁମ୍ ସମ୍ବଲପୁର ଝୁମ୍ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜୁନିୟର ବର୍ଗରେ ଶ୍ରଦ୍ଧା ଦାଶ ପ୍ରଥମ, ସାଇ ସିଦ୍ଧି ଦ୍ୱିତୀୟ ଓ ଅଲିଶା ଅଗ୍ରୱାଲ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି ସିନିୟର ବର୍ଗରେ ତେଜସ୍ୱିନୀ ଦାସ, ପଲ୍ଲବୀ ମେହେର, ଏମ୍ ଛାୟା ରାଓ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଚାରକ ଭାବେ ଅସିମ ପ୍ରଧାନ, ମମତା ସାହୁ, ମାଷ୍ଟର ପ୍ରେମ, ଶିଙ୍ଗାର ମଣୀ ପ୍ରମୁଖ ଯୋଗଦେଇଥିଲେ । ଉଦୟ ତିୱାରୀଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣୀ ଉତ୍ସବରେ ଅବସରପ୍ରାପ୍ତ ସମ୍ବଲପୁର ଜିଲା କ୍ରୀଡା ଅଧିକାରୀ ଉପେନ୍ଦ୍ର ଶତପଥି, ମୋହିତ ନାୟକ ଓ ଅନ୍ୱେଷା ଅଦିତି ଅତିଥି ଭାବେ ଯୋଗଦେଇ କୃତୀମାନଙ୍କୁ ପୁରସ୍କୃତ କରିଥିଲେ।

# ଝାରସୁଗୁଡ଼ା ଜିଲାରେ ୨ ପର୍ଯ୍ୟାୟରେ ନିର୍ବାଚନ

ଝାରସୁଗୁଡ଼ା ଅଫିସ,୧୨।୧

**୨,୭୬,୯୨୨ ଭୋଟର କରିବେ ମତଦାନ**

ଝାରସୁଗୁଡ଼ା ଜିଲାରେ ଫେବୃୟାରୀ ୧୬ ଓ ୧୮ରେ ୨ ପର୍ଯ୍ୟାୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବ। ପ୍ରଥମ ପର୍ଯ୍ୟାୟରେ ଝାରସୁଗୁଡା, ଲଇକେରା, କିର୍ମିରା ଓ ଦ୍ୱିତୀୟ ପର୍ଯ୍ୟାୟରେ ଲଖନପୁର ଓ କୋଲାବିରା ବ୍ଲକ୍‌ରେ ମତଦାନ ହେବ। ଜିଲାରେ ସମୁଦାୟ ୫ ବ୍ଲକ୍ ରହିଥିବାବେଳେ ୭୮ପଞ୍ଚାୟତ, ୯୩୬ ୱାର୍ଡ, ୯ ଜିଲାପରିଷଦ ଜୋନ ରହିଛି। ଲଖନପୁର ବ୍ଲକର ୩୩ ପଞ୍ଚାୟତ, ଝାରସୁଗୁଡାର ୧୭ ପଞ୍ଚାୟତ, କିର୍ମିରାର ୮ ପଞ୍ଚାୟତ, କୋଲାବିରାର ୯ ପଞ୍ଚାୟତ ଓ ଲଇକେରା ବ୍ଲକ୍‌ର ୧୧ ପଞ୍ଚାୟତ ରହିଛି। ସେହିପରି ଲଖନପୁର ବ୍ଲକରେ ୩୮୯ ୱାର୍ଡ, ଝାରସୁଗୁଡା ବ୍ଲକ୍‌ରେ ୨୦୪, କିର୍ମିରା ବ୍ଲକ୍‌ରେ ୧୦୦, କୋଲାବିରା ବ୍ଲକରେ ୧୧୫ ଓ ଲଇକେରା ବ୍ଲକ୍‌ରେ ୧୨୮ ୱାର୍ଡ ରହିଛି। ଜିଲାପରିଷଦ ଜୋନ ମଧ୍ୟରେ ଲଖନପୁର ବ୍ଲକ୍‌ରେ ୩, ଝାରସୁଗୁଡା ବ୍ଲକ୍‌ରେ ୨, କିର୍ମିରା ବ୍ଲକ୍‌ରେ ୧, କୋଲାବିରା ବ୍ଲକ୍‌ରେ ୧ ଓ ଲଇକେରା ବ୍ଲକରେ ୨ ଜୋନ୍ ରହିଛି। ସରପଞ୍ଚ, ସମିତିସଭ୍ୟ, ୱାର୍ଡସଭ୍ୟ ଓ ଜିଲା ପରିଷଦ ପଦବୀ ପାଇଁ ନିର୍ବାଚନ ହେବ। ଏଥର ଜିଲାରେ ସମୁଦାୟ ୨,୭୬,୯୨୨ ଭୋଟର ମତଦାନ କରିବେ। ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। କିଏ କେଉଁ ପଦବୀ ଓ କେଉଁଠାରୁ ଲଢିବେ ସେ ନେଇ ନିଜ ସମର୍ଥକଙ୍କ ମଧ୍ୟରେ ଆଲୋଚନା ଆରମ୍ଭ ହୋଇଛି।

# ଜିଲାପାଳଙ୍କ ସହ ଉଠାଦୋକାନୀ ସଂଘର ଆଲୋଚନା

ସମ୍ବଲପୁର,୧୨।୧(ବ୍ୟୁରୋ)

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ରାସ୍ତା କଡରେ ଥିବା ଦୋକାନ ବନ୍ଦ କରାଇଛି। ଏହାକୁ ନେଇ ବିରୋଧର ସ୍ୱର ଉଠିବା ପରେ ବୁଧବାର ଜିଲାପାଳ ଦିବ୍ୟଜ୍ୟୋତି ପରିଡା ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି। ଜିଲାରେ କିପରି କରୋନାକୁ ରୋକାଯାଇପାରିବ ସେଥିପାଇଁ ଗହଳି ଥିବା ସ୍ଥାନରେ ରାସ୍ତାକଡ ଦୋକାନ ବନ୍ଦ କରାଯାଇଛି। ଏଥିରେ ସଂଘ ସହଯୋଗ କରିବାକୁ ଜିଲାପାଳ କହିଥିଲେ। ଅନ୍ୟପକ୍ଷେ ଜୀବନଜୀବିକା ପ୍ରଭାବିତ ହେଉଥିବାରୁ ଜିଲା ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ ସହରର ବିଭିନ୍ନ ସ୍ଥାନରେ ଭେଣ୍ଡିଂ ଜୋନ ନିର୍ମାଣ କରିବାକୁ ସଂଘ ଦାବି କରିଛି। ଆଲାଚନାରେ ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ସଂଘ ସଭାପତି ସତିଶ ବିଶି, ନିଶାନ୍ତ ବହିଦାର, ଜଳନ୍ଧର ନାଏକ, ରବି ନାଏକ ସାମିଲ ଥିଲେ। ଅପରାହ୍ନରେ ବୀର ସୁରେନ୍ଦ୍ର ସାଏ ଟାଉନ ହଲ ପଡିଆରେ ଉଠାଦୋକାନୀ ସଂଘର ବୈଠକ ହୋଇ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା।

# ଦିନକରେ ୨ଶହ ଟପିଲା ପଜିଟିଭ୍ ସଂଖ୍ୟା



ସରବାହାଲ ରେଲୱେ ଫାଟକ ରାସ୍ତାକୁ ବାଉଁଶ ବନ୍ଧାଯାଇ ବନ୍ଦ କରାଯାଇଛି।

ଝାରସୁଗୁଡ଼ା ଅଫିସ୍,୧୨।୧

ଝାରସୁଗୁଡା ଜିଲାରେ ବୁଧବାର ଗୋଟିଏ ଦିନରେ ୨୦୩ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ଝାରସୁଗୁଡା ପୌରାଞ୍ଚଳ ୯୭, ବ୍ରଜରାଜନଗର ପୌରାଞ୍ଚଳ ୨୧, ବେଲପାହାଡ ପୌରାଞ୍ଚଳ ୩୧, ଝାରସୁଗୁଡା ବ୍ଲକ୍ ୫, ଲଖନପୁର ବ୍ଲକ୍ ୧୧, ଲଇକେରା ବ୍ଲକ୍ ୯, କୋଲାବିରା ବ୍ଲକ୍ ୬ ଓ ଜିଲା ବାହାରେ ୨୩ ପଜିଟିଭ୍ ରହିଛନ୍ତି। ସେହିପରି ବୁଧବାର ୯୭୩ ସକ୍ରିୟ କେସ୍ ରହିଛନ୍ତି। ଜିଲା ପ୍ରଶାସନ ତରଫରୁ ସରବାହାଲର କୁମ୍ଭାରପଡା, ପାୱାର ହାଉସ ରୋଡ୍, ଗୌଡପଡା ରୋଡ୍, ଖୈତାନ ପେଟ୍ରୋଲ ପମ୍ପକୁ କଣ୍ଟେନ୍‌ମେଣ୍ଟ କରାଯାଇଛି। ସେହିପରି ବେହେରାମାଲର ଯୁଜଦ୍ କାର୍‌ସପ୍, ତନିଷ୍କ ଶୋରୁମ୍, ବସ୍ତି, ରାଧାମାଧବ ମନ୍ଦିର ପଛପଟ, ଭୁଲିଆଟିକ୍ରା, ରେଲୱେ ୱେଲ୍‌ଡିଂ ପ୍ଲାଣ୍ଟ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ କରାଯାଇଛି।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କିଷାନ ସଂଘର ଦାବିପତ୍ର

ନାକଟିଦେଉଳ,୧୨।୧(ଡି.ଏନ.ଏ.)



ଭାରତୀୟ କିଷାନ ସଂଘ ନାକଟିଦେଉଳ ବ୍ଲକ ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ମଙ୍ଗଳବାର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରମୁଖ ଦାବି ମଧ୍ୟରେ କେନ୍ଦ୍ର ସରକାର ଚାଷୀଙ୍କ ପାଇଁ ନୂତନ ଲାଭପ୍ରଦ ଆଇନ ଆଣିବା, ବନ୍ୟଜନ୍ତୁଙ୍କ ଦ୍ୱାରା କ୍ଷୟକ୍ଷତି ସହାୟତା ରାଶି ବୃଦ୍ଧି, ଚାଷ ଓ ଚାଷୀର ସୁବ୍ୟବସ୍ଥା ପାଇଁ ଗଭୀର ନଳକୂପ ଖନନ ଓ ଚାଷୀଙ୍କୁ ସୋଲାର ପମ୍ପ ଯୋଗାଇଦେବା ଅନ୍ୟତମ। ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ ବିଦ୍ୟାଧର ରାଉତ ଦାବିପତ୍ର ଗ୍ରହଣ କରିଥିଲେ। ସଂଘର ବ୍ଲକ ସଭାପତି ବିଶ୍ୱନାଥ ସାହୁ, ସମ୍ପାଦକ ବିଜୟ କୁମାର ବେହେରା, ଉପସଭାପତି କୃଷ୍ଣଚନ୍ଦ୍ର ମେହେର, ଯୁବବାହିନୀ ପ୍ରମୁଖ ବିଦ୍ୟାଧର ରାଉଳ, ମହିଳା ପ୍ରମୁଖ ପାଞ୍ଚାଳି ବେହେରା, କୋଷାଧକ୍ଷ ରଘୁନାଥ ଦେହୁରି, ସତ୍ୟ ନାରାୟଣ ପ୍ରଧାନ, କୃଷ୍ଣଚନ୍ଦ୍ର ମିର୍ଦ୍ଧା, ସୌଦାମିନୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଚାକିରି ଦେବା ନାଁରେ ଠକେଇ



ଠକେଇର ଶିକାର ହୋଇଥିବା ଯୁବତୀ ଯୁବକ ଅଭିଯୋଗ କରିବାକୁ ଆସିଛନ୍ତି।

ଦେବଗଡ଼,୧୨।୧(ଡି.ଏନ୍.ଏ.)

**ଦେବଗଡ଼ ଆଦର୍ଶ ଥାନାର ଦ୍ୱାରସ୍ଥ ହେଲେ ଆଶାୟୀ**

ଚାକିରି ପ୍ରଲୋଭନ ଦେଖାଇ ଦେବଗଡ ଜିଲାର ନିରୀହ ଯୁବତୀ ଯୁବକଙ୍କ ଠାରୁ ଅର୍ଥ ଆଦାୟ କରିବା ପରେ ସେମାନଙ୍କୁ ଠକେଇ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଦେବଗଡ଼ ଆଦର୍ଶ ଥାନା ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ୨୦୨୦ ସେପ୍ଟେମ୍ବରରେ ସିକ୍ୟୁରିଟୀ ଚାକିରି ପାଇଁ ଦେବଗଡ ଆଦର୍ଶ ଥାନା ଅନ୍ତର୍ଗତ କଣ୍ଢଳ ଗ୍ରାମରେ ପ୍ରଚାରପତ୍ର ବଣ୍ଟନ କରାଯାଇଥବଲା। ଏଥିପାଇଁ ଏକ କମ୍ପାନୀ ପକ୍ଷରୁ ଫୋନ ନମ୍ବର ଜାରି କରାଯାଇଥିଲା। ଫଳରେ କଣ୍ଢଳ ଗ୍ରାମର ନିବେଦିତା ନାୟକ ଉକ୍ତ ଫୋନ ନମ୍ବରରେ ଯୋଗାଯୋଗ କରିଥିଲେ। ପରେ ଚାକିରୀ ଲାଗି ଟଙ୍କା ଦେଇଥିଲେ। ନିବେଦିତା ସହ ଠକାମିର ଶିକାର ହୋଇଥିବା ଅନ୍ୟ ଆଶାୟୀ ଯୁବତୀ ଯୁବକ ବୁଧବାର ଦେବଗଡ ଥାନାର ଦ୍ୱାରସ୍ଥ ହୋଇଥିବା ଦେଖିବାକୁ ମିଳିଥିଲା।

# ଖାଉଟି ଅଦାଲତରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଦଣ୍ଡିତ

ଦେବଗଡ଼,୧୨।୧(ଡି.ଏନ.ଏ)

ସେବା ପ୍ରଦାନରେ ଅବହେଳା ଯୋଗୁ ଦେବଗଡ଼ ଜିଲା ଖାଉଟି ଅଦାଲତ ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଏକ ପୁରୁଣା ମହିନ୍ଦ୍ର ଜିପ ନିଲାମ ନିମନ୍ତେ ୨୦୧୫ ଜାନୁୟାରୀ ୨୨ରେ ଜିଲା ମୁଖ୍ୟପ୍ରାଣୀ ଚିକିତ୍ସାଧିକାରୀ ନିଲାମ ନିମନ୍ତେ ଟେଣ୍ଡର ଆହ୍ୱାନ କରିଥିଲେ। ଦେବଗଡ ପୌରାଞ୍ଚଳ ୧ ନମ୍ବର ୱାର୍ଡ ଖପରସାହିର ଦୋଳଗୋବିନ୍ଦ ପ୍ରଧାନ ଉକ୍ତ ଟେଣ୍ଡରରେ ଅଂଶଗ୍ରହଣ କରି ପୁରୁଣା ମହିନ୍ଦ୍ରା ଜିପକୁ ହାତେଇଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ସେହିଦିନ ହିଁ ପ୍ରଧାନଙ୍କୁ ଉକ୍ତ ଜିପର ଆର୍‌ସି ବୁକ ପ୍ରଦାନ କରିଥିଲେ ହେଁ ଏଥିପୂର୍ବରୁ ଉକ୍ତ ଜିପର ବୈଧତା ଶେଷ ହୋଇଯାଇଥିଲା । ପ୍ରଧାନ ଏନେଇ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଦ୍ୱାରସ୍ଥ ହେବା ସହ ସର୍ତ୍ତ ଅନୁଯାୟୀ ତାଙ୍କ ନାମରେ ମାଲିକାନା ହସ୍ତାନ୍ତର ପାଇଁ ଅନୁରୋଧ କରିଥିଲେ। ମାତ୍ର ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ତାଙ୍କ କଥାକୁ ଭୃକ୍ଷେପ କରିନଥିଲେ । ଫଳରେ ପ୍ରଧାନ ବ୍ୟବହାର କରି ନ ପାରି ନ୍ୟାୟ ପାଇଁ ଜିଲା ଖାଉଟୀ ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ମାମଲାର ବିଚାର ପାଇଁ ଖାଉଟି ଅଦାଲତ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ନୋଟିସ କରିଥିଲେ ମଧ ସେ ଅଦାଲତରେ ନିଜର ପକ୍ଷ ରଖି ନ ଥିଲେ । ଫଳରେ ଖାଉଟି ଅଦାଲତର ସଭାପତି ଦୀପକ କୁମାର ମହାପାତ୍ର ଓ ସଦସ୍ୟା ଆରତୀ ଦାଶ ଏ ମାମଲାର ବିଚାରକରି ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ନିର୍ଦ୍ଦେଶ ପାଇବାର ୩୦ ଦିନ ମଧ୍ୟରେ ପ୍ରଧାନଙ୍କ ନାମରେ ରେଜିଷ୍ଟ୍ରେସନ ସାର୍ଟିଫିକେଟ ପରିବର୍ତ୍ତନ କରିବା ସହ କ୍ଷତିପୂରଣ ବାବଦକୁ ୪୦ହଜାର ଟଙ୍କା ଓ ମାମଲା ପରିଚାଳନା ବାବଦକୁ ୧୦ ହଜାର ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ଟ୍ରକ୍ ଧକ୍କାରେ ଶ୍ରମିକ ମୃତ

ଦେବଗଡ଼,୧୨।୧(ଡି.ଏନ.ଏ.)

ବୁଧବାର ସନ୍ଧ୍ୟାରେ ଦେବଗଡ଼ ଥାନା ଅନ୍ତର୍ଗତ ବଳମ ଶାସନସାହି-ନୂଆଗାଁ ରାସ୍ତାରେ ଏକ ହାଇୱା ଟ୍ରକ ଦୁର୍ଘଟଣାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଳମ କନ୍ଧସାହିର କୃଷ୍ଣଚନ୍ଦ୍ର କାଲୋ (୬୦)। କୃଷ୍ଣ ରାଶନ ସାମଗ୍ରୀ ଧରି ଘରକୁ ଫେରୁଥିବାବେଳେ ଟ୍ରକ ତାଙ୍କୁ ପଛପଟୁ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ଘଟଣାସ୍ଥଳରେ କୃଷ୍ଣଙ୍କ ମୃତ୍ୟୁ ଘଟିଥିଲା।

# ଡିଭାଇଡରରେ ପିଟିହୋଇ ବାଇକ୍ ଚାଳକ ମୃତ

କୁତ୍ରା, ୧୨।୧ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ୧୦ ନମ୍ବର ରାଜ୍ୟ ରାଜପଥର ଥାନା ସମ୍ମୁଖରେ ଦୁର୍ଘଟଣା ଘଟିଛି। ଡିଭାଇଡ଼ରରେ ପିଟିହୋଇ ଲେଫ୍ରିପଡା ଅଲାପକା ଗ୍ରାମର ସନ୍ତୋଷ ଚାନ୍ଦୁଆର (୨୭)ଙ୍କ ମୃତ୍ୟୁ ଘଟିଛି। ସେ କୌଣସି କାମରେ କୁତ୍ରା ବ୍ଲକ ଅନ୍ତର୍ଗତ ଲାଞ୍ଜିବେର୍ଣ୍ଣାକୁ ବାଇକ୍ ଯୋଗେ ଯାଇ ନିଜ ଗ୍ରାମକୁ ଫେରୁଥିଲେ।

# ସୁନ୍ଦରଗଡ଼ରେ କୋଭିଡ୍ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ହସ୍ପିଟାଲ

ସୁନ୍ଦରଗଡ଼,୧୨।୧(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲାରେ କୋଭିଡର ତୃତୀୟ ଲହରକୁ ମୁକାବିଲା କରିବା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତ ରହିଛି। କୋଭିଡ୍ ରୋଗୀଙ୍କ ଚିକିତ୍ସା ସେବାରେ ଯେପରି କିଛି ଅସୁବିଧା ନ ହେବ, ସେଥିପାଇଁ ଜିଲାରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସୁଦୃଢ କରାଯାଉଛି। ବିଶେଷକରି କୋଭିଡ ପରୀକ୍ଷା, ଚିକିତ୍ସା ଏବଂ ଟିକାକରଣକୁ ବ୍ୟାପକ କରିବା ଲାଗି ପଦକ୍ଷେପ ନିଆଯାଉଥିବା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର କହିଛନ୍ତି। ସୁନ୍ଦରଗଡ଼ ଜିଲାକୁ ରାଜ୍ୟ ବାହାରୁ ବିଭିନ୍ନ ଲୋକଙ୍କର ଯିବା ଆସିବା ଲାଗି ରହିଥିବାରୁ ସଂକ୍ରମଣ ବଢିଛି। ତେଣୁ ଏହାକୁ ନିୟନ୍ତ୍ରଣ କରିବା ଲାଗି ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଚିକିତ୍ସା ସେବା ଯୋଗାଇଦେବା ଲାଗି ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲଗୁଡ଼ିକ ପ୍ରସ୍ତୁତ ରହିଥିବା ବେଳେ ସେଠାରେ ସାଧାରଣ ବେଡ ଏବଂ ଆଇସିୟୁ ବେଡ ସହିତ ଅକ୍ସିଜେନ ଆଦି ମହଜୁଦ ରହିଛି। ଆବଶ୍ୟକ ଔଷଧପତ୍ର ମଧ ରହିଛି ବୋଲି କହିଛନ୍ତି ଡାକ୍ତର ସରୋଜ କୁମାର ମିଶ୍ର। ସୁନ୍ଦରଗଡ଼ସ୍ଥିତ ଏନ୍‌ଟିପିସି କୋଭିଡ ହସ୍ପିଟାଲରେ ୪୦୦ ଶଯ୍ୟା ରହିଛି। ସେଥିମଧ୍ୟରୁ ୨୦ଟି ଆଇସିୟୁ ଏବଂ ୧୦ଟି ଭେଣ୍ଟିଲେଟର ବେଡ ରହିଛି। ଶିଶୁମାନଙ୍କ ପାଇଁ ୧୦ଟି ଆଇସିୟୁ ପ୍ରସ୍ତୁତ ରଖାଯାଇଛି। ସେହିପରି ରାଉରକେଲାରେ ମଧ ୪ଟି ସ୍ୱତନ୍ତ୍ର କୋଭିଡ ହସ୍ପିଟାଲ ରୋଗୀମାନଙ୍କୁ ଚିକିତ୍ସା ଯୋଗାଇଦେବା ଲାଗି ପ୍ରସ୍ତୁତ ରହିଛି। ହେମଗିର, ବଣାଇଁ ଏବଂ କୋଇଡ଼ା ଅଞ୍ଚଳରେ କୋଭିଡ କେୟାର ସେଣ୍ଟରଗୁଡ଼ିକୁ ମଧ ପ୍ରସ୍ତୁତ କରାଯାଉଛି। ଆବଶ୍ୟକ ପଡ଼ିଲେ ସୁନ୍ଦରଗଡ଼ ମାଦ୍ରୀକାଲୋ ଭବନ ଏବଂ କଲ୍ୟାଣ ମଣ୍ଡପକୁ କୋଭିଡ ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ବ୍ୟବହାର କରାଯିବ ବୋଲି ସିଡିଏମଓ କହିଛନ୍ତି।

# ରାଜଗାଙ୍ଗପୁର ସିଭିଲକୋର୍ଟ ହେଲା କଣ୍ଟେନମେଣ୍ଟ ଜୋନ

ରାଜଗାଙ୍ଗପୁର,୧୨।୧(ଡି.ଏନ.ଏ.)

ରାଜଗାଙ୍ଗପୁରରେ ଦିନକୁ ଦିନ କୋଭିଡ୍ ପଜିଟିଭ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ରାଜଗାଙ୍ଗପୁରସ୍ଥିତ ସିଭିଲକୋର୍ଟରେ ପଜିଟିଭ୍ ସଂଖ୍ୟା ବୃଦ୍ଧି ପାଇଥିବା ଯୋଗୁ ବୁଧବାର ସୁନ୍ଦରଗଡ଼ ଉପଜିଲାପାଳ ଅଭିମନ୍ୟୁ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ୧୬ତାରିଖ ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି।

# କୋଭିଡ୍ ନିୟମକୁ ବେଖାତିର: ଦୁଇ ଦୋକାନକୁ ସିଲ୍‌କଲା ଆର୍‌ଏମ୍‌ସି

ରାଉରକେଲା ଅଫିସ,୧୨।୧

ରାଉରକେଲାରେ ଦିନକୁ ଦିନ କୋଭିଡ୍ ମହାମାରି ବଢ଼ିବାରେ ଲାଗିଛି। ଏହାକୁ ନେଇ ରାଉରକେଲା ପ୍ରଶାସନ ଓ ଆରଏମ୍‌ସି ପକ୍ଷରୁ ବିଭିନ୍ନ ଜନଗହଳି ସ୍ଥାନରେ ଚଢ଼ାଉ କରାଯାଇଛି। ଏନେଇ ବୁଧବାର ବାସନ୍ତୀ କଲୋନୀସ୍ଥିତ ଭେଣ୍ଡିଙ୍ଗଜୋନ ମାର୍କେଟରେ ଆରଏମ୍‌ସି ଓ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ଦୋକାନରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ଉକ୍ତ ମାର୍କେଟରେ ଥିବା ଏକ ମୁଢ଼ି ଦୋକାନରେ ପ୍ରବଳ ଭିଡ ଜମିଥିଲା। ସେହିଭଳି ଉକ୍ତ ମାର୍କେଟରେ ଥିବା ଏକ ହୋଟେଲରେ ଚଢ଼ାଉ କରାଯାଇଥିଲା। ଏହି ହୋଟେଲରେ କୌଣସି କର୍ମଚାରୀ ମାସ୍କ ପିନ୍ଧି ନ ଥିବାବେଳେ ଗ୍ରାହକଙ୍କ ମଧ୍ୟରେ ସାମାଜିକ ଦୂରତା ଓ ସାନିଟାଇଜର ବ୍ୟବସ୍ଥା କରାଯାଇ ନ ଥିଲା। ଏହି ସବୁ ଅନିୟମିତତା ଯୋଗୁ ଦୁଇଟି ଦୋକାନକୁ ଆରଏମ୍‌ସି ପକ୍ଷରୁ ତାଲା ପକାଇ ସିଲ୍ କରାଯାଇଥିଲା। କରୋନା ମହାମାରୀ ଯୋଗୁ ସହରରେ ପ୍ରତିଦିନ ବିଭିନ୍ନ ସ୍ଥାନରେ ଏଭଳି ଚଢ଼ାଉ ଜାରି ରହିବ ବୋଲି ଆରଏମ୍‌ସି ଅତିରିକ୍ତ କମିଶନର ସୁଧାଂଶୁ ଶେଖର ଭୋଇ ସୂଚନା ଦେଇଛନ୍ତି।

# ଇଡ୍‌କୋକୁ ଜମି ଦେବାକୁ ଗ୍ରାମବାସୀଙ୍କ ବିରୋଧ

ଲହୁଣୀପଡ଼ା,୧୨।୧(ଡି.ଏନ.ଏ.)




ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ କୁର୍ଡା ପଞ୍ଚାୟତସ୍ଥିତ ମା' ସିଙ୍ଗାର ଦେଇ ପର୍ବତର ଜମିକୁ ଶିଳ୍ପ ପ୍ରତିଷ୍ଠା ଉଦ୍ଦେଶ୍ୟରେ ଇଡ଼କୋକୁ ହସ୍ତାନ୍ତର କରିବାକୁ ବିରୋଧ କରାଯାଇଛି। ୧୫ରୁ ଅଧିକ ଗ୍ରାମରବାସିନ୍ଦା ଏକ ଦାବିପତ୍ର ବଣାଇ ଉପଜିଲାପାଳ ପ୍ରଦୀପ କୁମାର ଡାଙ୍ଗ, ବଣାଇ ଡ଼ିଏଫଓ ସନତ କୁମାର ଏନ, ଲହୁଣୀପଡ଼ା ତହସିଲଦାର ମୁରଲୀଧର ଉର୍ମାଲଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଏହିସବୁ ଜମିର କିସମ ରାଜରାଜୁଡା ଅମଳରୁ କିଛି ସଂରକ୍ଷିତ ଜଙ୍ଗଲ କିସମ ଥିବାବେଳେ କିଛି ଜଙ୍ଗଲ କିସମ ଥିଲା। ମାତ୍ର ଜନସାଧାରଣଙ୍କ ଅଗୋଚରରେ ଏହାର କିସମକୁ ବେନିୟମ ଭାବେ ପତିତ କରାଯାଇ ଶିଳ୍ପ ପ୍ରତିଷ୍ଠା ଉଦ୍ଦେଶ୍ୟରେ ଇଡ଼କୋକୁ ହସ୍ତାନ୍ତର କରାଯାଇଛି। ଏହି ଜାଗାଟି ଘଞ୍ଚ ଜଙ୍ଗଲ ଥିବାବେଳେ ଭିଏସ୍‌ଏସ୍ କମିଟି ଦ୍ୱାରା ଗଛ ଲଗାଯାଉଛି। ଏଠାରେ ବହୁ ଔଷଧୀୟ ବୃକ୍ଷ ରହିଥିବାବେଳେ ଏହାକୁ ସ୍ଥାନୀୟ ଆଦିବାସୀଙ୍କ ରୋଗ ବ୍ୟାଧିରେ ଔଷଧ ଭାବେ ବ୍ୟବହାର କରିଥାନ୍ତି। ଏଠାରେ ମଧ ବନ୍ୟଜନ୍ତୁମାନେ ଆଶ୍ରୟ ନେଇଥାନ୍ତି। ଏହି ଜଙ୍ଗଲର ଆଖପାଖର ହଜାର ହଜାର ସ୍ଥାନୀୟ ଆଦିବାସୀଙ୍କୁ ରୋଜଗାର ଯୋଗାଇ ଆସୁଛି। ଏହାସହିତ ବଣାଇ ଉପଖଣ୍ଡର ପ୍ରତ୍ୟକ୍ଷ ଦେବୀଙ୍କ ମଧ୍ୟରୁ ଅନ୍ୟତମ ମାଆ ସିଙ୍ଗାରଦେଇ ପୀଠ ରହିଛି। ଏଭଳି ଜଙ୍ଗଲ ତଥା ମା'ଙ୍କ ପୀଠକୁ ଚଞ୍ଚକତା କରି ଇଡ଼କୋକୁ ହସ୍ତାନ୍ତରକୁ ଗ୍ରାମବାସୀ ବିରୋଧ କରିଥିବା ଜଣାପଡ଼ିଛି।

# ବଡ଼ଗାଁରେ କରୋନା ସଂକ୍ରମଣ ବଢୁଛି

ବଡ଼ଗାଁ, ୧୨।୧(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ କରୋନା ସଂକ୍ରମଣ ବଢୁଛି। କିଛିଦିନ ହେଲା ସଂକ୍ରମିତଙ୍କ ସଂଖ୍ୟା ୩୦ ରୁ ୪୦ମଧ୍ୟରେ ରହିଥିଲାବେଳେ ବୁଧବାର ୫୦ରେ ପହଞ୍ଚିଛି। ବଡ଼ଗାଁରେ ୩୩, ଏକମାରେ ୧୧, ଜରଙ୍ଗଲୋଇରେ ୬ ଜଣ ସଂକ୍ରମିତ ହୋଇଥିବା ଜଣାପଡିଛି।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୧୩ ଜାନୁୟାରୀ, ୨୦୨୨



**୨ମାସହେଲା ନଳକୂଅ ଅଚଳ**

ଦେଓଗାଁ,(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ଅର୍ଡା ହରିଜନପଡାରେ ନଳକୂଅ ଅଚଳ ହୋଇ ପଡିଛି। ଇତିମଧ୍ୟରେ ୨ମାସ ବିତି ଯାଇଥିଲେ ବି ନଳକୂପ ମରାମତି କରାଯାଉନାହିଁ ବୋଲି ପଡାବାସୀ ଅଭିଯୋଗ କରିଛନ୍ତି। ପାଣି ପାଇଁ ସେମାନଙ୍କୁ ଦୂରକୁ ଯିବାକୁ ପଡୁଛି ବୋଲି ପଡାବାସୀ କହିଛନ୍ତି। ଏନେଇ ପଞ୍ଚାୟତ ଏବଂ ଗ୍ରାମ୍ୟ ଜଳଯୋଗାଣ ବିଭାଗରେ ବାରମ୍ବାର ଅଭିଯୋଗ ପରେ ମଧ କୌଣସି ପଦକ୍ଷେପ ନିଆଯାଉନାହିଁ। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଟୁନୁ ସୁନା, ସନାତନ ମହାନନ୍ଦ, ଜଗନ୍ନାଥ କୁମ୍ଭାର, ଲକ୍ଷ୍ମଣ ସୁନା, ରାମେଶ୍ୱର ସୁନା ପ୍ରମୁଖ ପଡାବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ଟ୍ରକ୍‌କୁ ପଛପଟୁ ଧକ୍କା ଦେଲା କାର୍, ଜଣେ ମୃତ

**କେସିଙ୍ଗା,୧୨।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅଧୀନ ଜାତୀୟ ରାଜପଥ ୨୬ ବୋରିଆ ଗ୍ରାମ ନିକଟରେ ବୁଧବାର ଭୋର ୩ଟାରେ ଏକ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୫ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ବଳରାମ ସୁନାନୀ (୩୦)। ଗୁରୁତରମାନଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ ଭବାନୀପାଟଣା ଲୁହୁରାକାନୀ ଅଞ୍ଚଳରୁ ୬ଜଣ ବ୍ୟକ୍ତି ଏକ କାର୍ (ନଂ.ଓଆର୍‌୦୩ଜି-୨୦୦୮)ରେ କେସିଙ୍ଗା ଷ୍ଟେଶନକୁ ଯାଉଥିଲେ। ଏହି ସମୟରେ ବୋରିଆ ଗ୍ରାମ ନିକଟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଏକ ଟ୍ରକ୍ (ନଂ.ଓଆର୍‌୧୫ଏଫ୍-୩୮୬୦) ଛିଡ଼ା ହୋଇଥିଲା। ଦ୍ରୁତ ଗତିରେ ଆସୁଥିବା ଏହି କାର୍ ପଛପଟୁ ଟ୍ରକକୁ ଧକ୍କା ଦେଇଥିଲା। କାରରେ ବସିଥିବା ୬ଜଣଙ୍କ ମଧ୍ୟରୁ ଘଟଣାସ୍ଥଳରେ ଜଣକଙ୍କର ମୃତ୍ୟୁ ହୋଇଥିବା ବେଳେ ୫ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତରମାନେ ହେଉଛନ୍ତି ଲମ୍ବୋଦର ସୁନାନୀ, ଶେଷଦେବ ବାଗ, ମୁରଲୀ ସୁନାନୀ, ଅଲେଖ ସୁନାନୀ, ସାଗର ନାଏକ। କେସିଙ୍ଗା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ସଡ଼କ ଦୁର୍ଘଟଣାରେ ବ୍ୟାଙ୍କ ପରିଚାଳକଙ୍କ ମୃତ୍ୟୁ

**ବୋଡେନ,୧୨।୧(ଡି.ଏନ.ଏ.):** ଏକ ସଡ଼କ ଦୁର୍ଘଟଣାରେ ନୂଆପଡ଼ା ଜିଲା ବୋଡେନ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଅମରଜିତ୍ ସିଂଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ପ୍ରାପ୍ତ ସୂଚନା ଅନୁସାରେ, ସିଂ ପ୍ରତିଦିନ ବୋଡେନ ବ୍ୟାଙ୍କରେ କାମ ସାରି ଖଡିଆଳ ଯାଉଥିଲେ। ମଙ୍ଗଳବାର ସନ୍ଧ୍ୟାରେ ବ୍ୟାଙ୍କ କାମ ସାରି ତାଙ୍କ ବାଇକ୍ ଯୋଗେ ଖଡିଆଳ ଯାଉଥିବା ବେଳେ ଦୁର୍କାମୁଣ୍ଡା ପାଖରେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ଗଛରେ ବାଇକ୍ ସହ ପିଟି ହୋଇଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ବୋଡେନ ପୋଲିସ ଶବ ଜବତ କରି ବୁଧବାର ସକାଳେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ସମ୍ପନ୍ନ ହେଲା ବୁଢ଼ା ଡଙ୍ଗର ଯାତ୍ରା

**ଦେଓଗାଁ,୧୨।୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାରରେ ବୁଧବାର ବୁଢ଼ା ଡଙ୍ଗର ଯାତ୍ରା କୋଭିଡ କଟକଣା ମଧ୍ୟରେ ସମ୍ପନ୍ନ ହୋଇଛି। ପୂଜକ, ଦେହେରୀମାନେ ସକାଳେ ସ୍ଥାନୀୟ ବୁଢ଼ାଡଙ୍ଗୁରୀ ନିକଟ ପୀଠରେ ପହଞ୍ଚି ବୁଢ଼ାଡଙ୍ଗରଙ୍କୁ ପୂଜାର୍ଚ୍ଚନା କରିଥିଲେ। ପରମ୍ପରା ଅନୁଯାୟୀ ବୋଦାବଳି ଦିଆଯାଇଥିଲା। ବରୁଆଙ୍କ ଦେହରେ ଦେବତା ଆବିର୍ଭାବ ପରେ ମାନସିକଧାରୀ ଓ ଶ୍ରଦ୍ଧାଳୁଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଚଳିତବର୍ଷ ମୁଖ୍ୟ ପୂଜକ ଶାର୍ଦ୍ଦୁଳ ଛତ୍ରିଆ, ବିଭୀଷଣ ଛତ୍ରିଆ ଓ ସୁଧାଂଶୁ ଛତ୍ରିଆ ଦାୟିତ୍ୱ ତୁଲାଇଥିଲେ।

### ବର୍ଷେ ବିତିଲା, କାମ କରି ମିଳିନି ମଜୁରି

**ଖପ୍ରାଖୋଲ,୧୨।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ରେଙ୍ଗାଲି ପଞ୍ଚାୟତ ଅନ୍ତର୍ଗତ ଆମ୍ବବାହାଲି ଗାଁର ୧୫ଜଣ ଶ୍ରମିକ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରି ମଜୁରି ପାଇନାହାନ୍ତି। ଆମ୍ବବାହାଲିଠାରୁ ହାଡସଙ୍ଗାର ପର୍ଯ୍ୟନ୍ତ ରାସ୍ତା ଉନ୍ନତୀକରଣ କାମରେ ସେମାନେ ନିଯୁକ୍ତ ଥିଲେ। ଏନେଇ ବୁଧବାର ରଥ ଖମାରୀ, ପବିତ୍ର ପାଣ୍ଡେ, ଚକ୍ରଧର ଭୋଇଙ୍କ ନେତୃତ୍ୱରେ ଶ୍ରମିକମାନେ ବିଡିଓଙ୍କ ନିକଟରେ ଫେରାଦ ହୋଇଛନ୍ତି।

### ମିଲର୍ସଙ୍କ ମର୍ଜିରେ ଚାଲିଛି ଧାନକିଣା

**ବୌଦ୍ଧ,୧୨।୧(ସ୍ୱ.ପ୍ର.):** ବୌଦ୍ଧ ଜିଲାରେ ମିଲମାଲିକମାନଙ୍କ ମର୍ଜିରେ ଧାନମଣ୍ଡି ଚାଲିଛି। କଟ୍‌ନୀ କରାଯାଇ ଚାଷୀଙ୍କୁ ଶୋଷଣ କରାଯାଉଥିବା ଭାରତୀୟ କିଷାନ ସଂଘ ଅଭିଯୋଗ କରିଛି। ଜିଲାରେ ଯୋଗାଣ ବିଭାଗ, ମିଲମାଲିକ ଓ ପ୍ୟାକ୍ସ କର୍ମଚାରୀଙ୍କ ମଧ୍ୟରେ ଚାଲିଥିବା ମଧୁଚନ୍ଦ୍ରିକାରେ ଚାଷୀ ପେଶି ହୋଇଗଲାଣି। ଏଣୁ ଫସଲର ଲାଭକାରୀ ମୂଲ୍ୟ ଓ ମଣ୍ଡି ସୁବ୍ୟବସ୍ଥା ଦାବିରେ ଭାରତୀୟ କିଷାନ ସଂଘ ବୌଦ୍ଧ ଜିଲା ଶାଖା ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାର ତିନି ବ୍ଲକର ବିଡିଓଙ୍କୁ ପ୍ରଦାନ କରାଯାଇଛି। କିଷାନ ସଂଘର ଜିଲା ସଭାପତି ସୂର୍ଯ୍ୟ ନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ସମୟରେ ଦୁତିବାହନ କର୍ଣ୍ଣ, କାଳିନ୍ଦୀ କ୍ଷେତୀ, ଭୋଳାଗିରି ସାହୁ, ନବୀନ ପ୍ରଧାନ ପ୍ରମୁଖ ଚାଷୀନେତା ଉପସ୍ଥିତ ଥିଲେ।

# ଚିନ୍ତା ବଢ଼ାଇଲା ଲଗାଣ ବର୍ଷା

**ବରଗଡ଼ ଅଫିସ୍,୧୨।୧**

ବରଗଡ଼ ଚାଷୀଙ୍କୁ ସମସ୍ୟା ପିଛା ଛାଡୁନାହିଁ। ବର୍ତ୍ତମାନ ଖରିଫ ଧାନ ବିକ୍ରିବଟା ସରିନାହିଁ। ବାରମ୍ବାର ବର୍ଷା ଯୋଗୁ କ୍ଷେତ, ଖଳା ଏବଂ ମଣ୍ଡିରେ ପଡ଼ିଥିବା ଧାନ ଭିଜି ଯାଇଛି। ଏହା ଚାଷୀଙ୍କ ଚିନ୍ତାକୁ ବଢାଇ ଦେଇଛି।

ଧାନ ସଂଗ୍ରହ ପ୍ରକ୍ରିୟା ଇତିମଧ୍ୟରେ ଦେଢ଼ମାସ ବିତିଛି। ନାନା ଅବ୍ୟବସ୍ଥା ଯୋଗୁ ମଣ୍ଡିକୁ ଆସିଥିବା ଧାନ ଉଠାଣରେ ବିଳମ୍ବ ହେଉଛି। ଫଳରେ ମଣ୍ଡିରେ ଏବେ ଲକ୍ଷାଧିକ ବସ୍ତା ଧାନ ବିକ୍ରିଅପେକ୍ଷାରେ ପଡ଼ି ରହିଛି। ମଣ୍ଡିକୁ ମିଲର୍ସମାନେ ଠିକ୍ ଭାବେ ଆସୁ ନାହାନ୍ତି। ଅନ୍ୟପକ୍ଷେ ବାରମ୍ବାର ବର୍ଷା ହେଉଥିବାରୁ ଧାନ ବିକ୍ରିପାଇଁ ଚାଷୀଙ୍କୁ ମିଳିଥିବା ଟୋକନ ଅବଧି ଗଡ଼ି ଚାଲିଛି। ଏଭଳି ସ୍ଥିତିରେ ଅନେକଙ୍କ ଟୋକନ ଅବଧି ସରି ଯାଇଥିବା ଚାଷୀନେତା ରମେଶ ମହାପାତ୍ର କହିଛନ୍ତି। ଟୋକନ ଅବଧିକୁ ଆଳ ନ କରି ଜିଲାର ସମସ୍ତ ପଞ୍ଜୀକୃତ ଚାଷୀଙ୍କ ଧାନ ଉଠାଇବାକୁ ସେ ଦାବି କରିଛନ୍ତି। ଗତ ମାସ ୨୮ତାରିଖରେ ବର୍ଷା ସହିତ କୁଆପଥର ମାଡ଼ ଯୋଗୁ ଅମଳ ଧାନ ସମେତ ପରିବା ଫସଲ ପ୍ରଭାବିତ ହୋଇଥିଲା। ସେତେବେଳେ ଭିଜି ଯାଇଥିବା ଧାନକୁ ଚାଷୀ ଶୁଖାଇ ଥିବାବେଳେ ମଙ୍ଗଳବାର ସକାଳୁ ପୁଣି ବର୍ଷା ଲାଗି ରହିଛି। ମଣ୍ଡିରେ ପଡ଼ିଥିବା ଧାନକୁ ତାରପୋଲିନରେ ଘୋଡ଼ାଯାଇଛି। ମାତ୍ର ତାହା ବର୍ଷାଦାଉରୁ ସୁରକ୍ଷିତ ରଖିବା ପାଇଁ ଯଥେଷ୍ଟ ହୋଇନାହିଁ। ତେଣୁ ମଣ୍ଡି ଭିତ୍ତିଭୂମି ସୁଦୃଢ଼ କରିବା ଆବଶ୍ୟକତା ରହିଥିବା ସେ କହିଛନ୍ତି।


ଝାରବନ୍ଧ ମଣ୍ଡିରେ ପଡ଼ିଥିବା ଚାଷୀଙ୍କ ଧାନ।

# ହସ୍ପିଟାଲ ପରିସରରେ ଗଞ୍ଜେଇ ଭର୍ତ୍ତି କାର



ଗଞ୍ଜେଇ ସହ ଜବତ କାର।

**ସୋନପୁର,୧୨।୧(ନି.ପ୍ର.)**

ବୁଧବାର ହସପିଟାଲ ପରିସରରୁ ଏକ ଗଞ୍ଜେଇ ଭର୍ତ୍ତି କାର ଜବତ ହୋଇଛି। କାରରେ ୧୧୬ କିଲୋ ଗଞ୍ଜେଇ ଥିଲା। ପ୍ରକାଶ ଯେ,ସୋନପୁର ଅବକାରୀ ବିଭାଗ ପକ୍ଷରୁ ବୁଧବାର କୁଞ୍ଚିଛକଠାରେ ଚଢାଉ କରା ଯାଇଥିଲା। ଏହି ସମୟରେ ଏକ କାର ଅଟକି ନ ଥିଲା। ଡ୍ରାଇଭର ଦ୍ରୁତ ବେଗରେ କାରକୁ ଆଣି ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରଖି ଦେଇଥିଲେ। ପରେ କୌଶଳକ୍ରମେ ଡ୍ରାଇଭର ଓ ବ୍ୟବସାୟୀ କାର ଛାଡି ଫେରାର ହୋଇ ଯାଇଥିଲେ। ଅବକାରୀ ବିଭାଗ କର୍ମଚାରୀମାନେ ତନଖି କରି ଉକ୍ତ ସୁଇଫ୍ଟ ଡିଜାୟାର କାର (ନଂ ଓଡି୧୦ଏଫ-୧୧୯୯)ରୁ ୧ କୁଇଣ୍ଟାଲ ୧୬ କିଲୋ ଗଞ୍ଜେଇ ଓ ସମ୍ପୃକ୍ତ କାରକୁ ଜବତ କରିଥିଲେ। ଏ ନେଇ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି। ବୌଦ୍ଧ ଜିଲାର ମନମୁଣ୍ଡା ଥାନା ଅଞ୍ଚଳରୁ ଏହି ଗଞ୍ଜେଇ ଚୋରା ଚାଲାଣ ହେଉଥିଲା। ସୁବର୍ଣ୍ଣପୁର ଅବକାରୀ ଅଧୀକ୍ଷକ ସାମୁଏଲ ଏକ୍କାଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଇନ୍ସପେକ୍ଟର ରାଧାକାନ୍ତ ଭୋଇ ଓ ସବ୍‌ଇନ୍ସପେକ୍ଟର ସୁଧୀର କୁମାର ମିଶ୍ରଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା।

# ଘର ସମ୍ମୁଖରେ ବାଇକ୍ ଜାଳିଦେଲେ ଦୁର୍ବୃତ୍ତ

**ବଲାଙ୍ଗୀର ଅଫିସ, ୧୨।୧**

ବଲାଙ୍ଗୀର ଟାଉନ ଥାନା ବଲାଙ୍ଗୀର-ଆଟଗାଁ ମୁଖ୍ୟ ରାସ୍ତା ମହାତ୍ମାଗାନ୍ଧୀ ମାର୍ଗର କଂସାରୀପଡାରେ ବୁଧବାର ଘର ସମ୍ମୁଖରେ ରଖାଯାଇଥିବା ବାଇକକୁ ଦୁର୍ବୃତ୍ତ ନିଆଁ ଲଗାଇ ଜାଳିଦେବା ପରେ ଫେରାର ହୋଇଯାଇଥିଲେ। ସେମାନଙ୍କ ମଧ୍ୟରୁ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସିସି ଟିଭି ଫୁଟେଜକୁ ଆଧାର କରି ପୋଲିସ ତଦନ୍ତ ଆଗକୁ ପଢାଉଛି। କଂସାରୀପଡାର ଜ୍ୟୋତିରଞ୍ଜନ ବେଦବାକ ଅପରାହ୍ଣ ସାଢ଼େ ୩ଟାରେ ତାଙ୍କ ୟାମାହା ଏସଏସ୍ ୧୨୫ ବାଇକକୁ ଘର ସାମନାରେ ରଖି ଭିତରକୁ ଯାଇଥିଲେ। ମାତ୍ର ୧୫ ମିନିଟ୍ ନ ଯାଉଣୁ ବାଇକ୍ ଜଳୁଥିବା ନେଇ ତାଙ୍କୁ କେହି ଜଣେ ଫୋନ କରି କହିଥିଲେ। ସେ ଘରୁ ବାହାରି ଆସିବା ବେଳେ ଦୁଇଜଣ ସେଠାରୁ ଦୌଡି ପଳାଉଥିବା ଦେଖିଥିଲେ। ଜ୍ୟୋତିରଞ୍ଜନ କିଛି ଦୂର ସେମାନଙ୍କୁ ପିଛା କରିଥିଲେ। ହେଲେ କେଇକ୍ଷଣରେ ଅନତି ଦୂରରେ ଥିବା ଏକ ପଲସରରେ ଦୁର୍ବୃତ୍ତମାନେ ଖସି ପଳାଇଥିଲେ। ଏହି ସମୟରେ ସେମାନଙ୍କର ଏକ ମୋବାଇଲ ଫୋନ ତଳେ ପଡି ଯାଇଥିଲା। ଜ୍ୟୋତିରଞ୍ଜନ ଏହାକୁ ପୋଲିସ ଜିମା ଦେଇଛନ୍ତି। ଟାଉନ୍ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରେ ଥିବା ସିସିଟିଭି କ୍ୟାମେରା ଯାଞ୍ଚ କରିଥିଲା। ଏହି ଘଟଣାକୁ ନେଇ କେତେକ ବ୍ୟକ୍ତି ଟାଉନ୍ ଥାନାକୁ ଯାଇ ସେମାନଙ୍କ ମୋବାଇଲକୁ ସମ୍ପୃକ୍ତ ୨ଯୁବ ଛଡି ନେଇଥିବା ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରି ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣକରିବାକୁସେମାନେଦାବିକରିଥିଲେ।


ଦୁର୍ବୃତ୍ତ ଜାଳି ଦେଇଥିବା ବାଇକ୍।

# ପଶ୍ଚିମ ଓଡ଼ିଶା ସେବାସଂଘର ବିଡିଓଙ୍କୁ ଦାବିପତ୍ର

**ମୁରିବାହାଲ, ୧୨।୧(ଡ.ଏନ.ଏ.)**

ଗତବର୍ଷ ମୁରିବାହାଲ ବ୍ଲକରେ କମ୍ ବର୍ଷା ଯୋଗୁଁ ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିଲା। ହେଲେ କୌଣସି ଚାଷୀଙ୍କୁ କ୍ଷୟକ୍ଷତି ସହାୟତା ରାଶି ମିଳିନାହିଁ। ଏ ନେଇ ସ୍ୱର ଉଠାଇଛି ପଶ୍ଚିମ ଓଡିଶା ସେବାସଂଘ। ସେବାସଂଘ ଆନୁକୂଲ୍ୟରେ ମୁରିବାହାଲ ବ୍ଲକ ଚାଷୀ ସଂଗଠନ ତରଫରୁ ବିଡିଓ ପ୍ରିୟରଞ୍ଜନ କୁମାରଙ୍କୁ ୧୦ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ମୁରିବାହାଲ ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା, ପ୍ରକୃତ ଚାଷୀ ଚିହ୍ନଟ କରାଯାଇ ଜମି ଉନ୍ନତିକରଣ ପାଇଁ ୫୦ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘର ଯୋଜନାରେ ପ୍ରକୃତ ହିତାଧିକାରୀ ଚୟନ, କରୋନାରେ ମୃତ ପରିବାରକୁ ୫ଲକ୍ଷ ଟଙ୍କା ଆର୍ଥିକ ରାଶି ପ୍ରଦାନ, ଦେଓଗାଁସ୍ଥିତ ବିଜୟାନନ୍ଦ ସମବାୟ ଚିନିକଳର ପୁନରୁଦ୍ଧାର ଓ କଟନୀ ଛଟନି ବନ୍ଦ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ପଶ୍ଚିମ ଓଡିଶା ସେବା ସଂଘ ସଭାପତି ରାଜେଶ ବଗର୍ତ୍ତୀ, କପିଳ କୁମ୍ଭାର, ଦୈତାରୀ ସାହୁ, ରୋହିତ ସାହୁ, ହାରି ନନ୍ଦ, ରାମୁ ନାଗ ପ୍ରମୁଖ ଯୋଗ ଦେଇଥିଲେ।

# ଦାଦନଙ୍କୁ ନେଇ ଯାଉଥିବା ବୋଲେରୋ ଦୁର୍ଘଟଣାଗ୍ରସ୍ତ, ଜଣେ ମୃତ

**ନୂଆପଡ଼ା ଅଫିସ,୧୨।୧**

ନୂଆପଡା ଜିଲା କୋମନା କୋମନା ବ୍ଲକ ଅନ୍ତର୍ଗତ ଦର୍ଲିପଡା ଓ ଜାମପଡା ଗାଁର ୧୩ଜଣ ଦାଦନ ଖଟିବାକୁ ଏକ ବୋଲେରୋରେ ଆନ୍ଧ୍ରପ୍ରଦେଶକୁ ଯାଉଥିବା ବେଳେ ରାସ୍ତାରେ ଓଲଟିବାରୁ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଦର୍ଲିପଡା ଗାଁର ପୁତନେ ଧରୁଆ (୪୨)। ଅନ୍ୟ ୧୨ଜଣ ଆହତ ହୋଇଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନାନୁସାରେ ସୋମବାର ସନ୍ଧ୍ୟାରେ ତରବୋଡ ଗ୍ରାମର ଓମ ପ୍ରକାଶ ଗହିର ଓ ବସନ୍ତ ସାହାଣୀ ବୋଲେରୋରେ ଦର୍ଲିପଡା ଗାଁର ୯ଜଣ ଓ ଦେଓଦର୍ହା ପଞ୍ଚାୟତର ଜାମପଡା ଗାଁର ୪ଜଣଙ୍କୁ ମିଶାଇ ମୋଟ ୧୩ଜଣଙ୍କୁ ଆନ୍ଧ୍ରପ୍ରଦେଶର କାରିମନଗରକୁ ଛାଡିବା ପାଇଁ ଯାଉଥିଲେ। ମହାରଷ୍ଟ୍ରର ତ୍ରିପୁରାଠାରେ ଭାରସାମ୍ୟ ହରାଇ ଗାଡି ଓଲଟି ପଡିବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୧୨ଜଣ ଗୁରୁତର ଆହତ ହୋଇଛନ୍ତି। ଏମାନଙ୍କୁ ଦାଦନ ଦଲାଲ ଅଗ୍ରୀମ ୫ ହଜାର ଟଙ୍କା ଲେଖାଏଁ ଦେଇ ସେଠାରେ ପହଞ୍ଚିବା ପରେ ବଳକା ୨୫ ହଜାର ଟଙ୍କା ଦେବାକୁ ପ୍ରଲୋଭନ ଦେଖାଇ ଏକ ବୋଲେରୋରେ ଆନ୍ଧ୍ରପ୍ରଦେଶକୁ ପଠାଇଥିଲେ। ଏମାନେ ଗରିବ ପରିବାର ହୋଇଥିବାରୁ ଚିକିତ୍ସା ପାଇଁ ଦାଦନ ଦଲାଲ କିମ୍ବା ଜିଲା ପ୍ରଶାସନ ସହଯୋଗ କରନ୍ତୁ ବୋଲି ଦାବି କରିଛନ୍ତି।

# ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**ମୁରିବାହାଲ/ଲାଠୋର, ୧୨।୧(ଡ.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲରେ ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇଯାଇଛି। ବିବେକାନନ୍ଦ ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ ସଂଘ ସଭାପତି ସୁଧାଂଶୁ ଶେଖର ପୋଢ଼ ଯାଦବ ସଭାପତିତ୍ୱ କରିଥିଲେ। ଭଗବାନ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଗାଁରେଇ ହାଇସ୍କୁଲ ପ୍ରଧାନଶିକ୍ଷକ କୃତ୍ତିବାସ ଦାସ, ଶିକ୍ଷାବିତ୍ ଭଗତ ନାଗ, ରାଜୀବ ଲୋଚନ ସେନା ଅଧକ୍ଷ ରାଜୀବ କୁମାର ମହାନ୍ତି, ଶିକ୍ଷକ ଶ୍ରୀପତି ସାଣ୍ଡ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଏମ୍‌ପି ପ୍ରତିନିଧି ଶ୍ରୀବସ୍ତ ବେହେରା ଯୁବ ସମାଜ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମା ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ, କରୋନା ଯୋଦ୍ଧା ଆଶାମା ପୁଷ୍ପଲତା ଧୀର, ସମାଜିକ କର୍ମୀ ମଧୁସୂଦନାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ସଭାଗୃହରେ ସମ୍ପର୍କ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଅତିଥିଭାବେ ପ୍ରବୀଣ ଅଗ୍ରୱାଲ, ମାନବ ଅଧିକାର କର୍ମୀ କପିଳ ସୁନା, ବିଶ୍ୱହରୀ ପ୍ରସାଦ ନାଗ, ସଦାନନ୍ଦ ବେହେରା ଯୋଗ ଦେଇଥିଲେ।


ମୁରିବାହାଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# କୋଭିଡ୍ ପର୍ଯ୍ୟବେକ୍ଷକଙ୍କ ବୌଦ୍ଧ ଗସ୍ତ

**ବୌଦ୍ଧ,୧୨।୧(ସ୍ୱ.ପ୍ର.)**

ତଫସିଲଭୁକ୍ତ ଜାତି ଓ ଜନଜାତି ବିଭାଗର ସ୍ୱତନ୍ତ୍ର ସଚିବ ବିଶ୍ୱ ରଞ୍ଜନ ସାସମଲ କୋଭିଡ ପର୍ଯ୍ୟବେକ୍ଷକ ଭାବରେ ବୁଧବାର ବୌଦ୍ଧ ଜିଲା ଗସ୍ତରେ ଆସି ଜିଲାରେ କୋଭିଡ ଓ ଓମିକ୍ରନର ପରିସ୍ଥିତି ନେଇ ସମୀକ୍ଷା କରିଛନ୍ତି। ସେ ହରଭଙ୍ଗା ବ୍ଲକ ଝାଡରାଜିଙ୍ଗସ୍ଥିତ ତଫସିଲଭୁକ୍ତ ଜାତି ଓ ଜନଜାତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିବା ସହିତ ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ନିର୍ମାଣାଧୀନ ୫ଟି ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରେ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟସ୍ଥିତ କୋଭିଡ ଚିକିତ୍ସାଳୟକୁ ଯାଇ କୋଭିଡ ସ୍ଥିତି ନିରୀକ୍ଷଣ କରିବା ସହିତ ଅମ୍ଳଜାନ କାରଖାନା ପରିଦର୍ଶନ କରିଥିଲେ। ଅପରାହ୍ଣରେ ସାସମଲ ସର୍କିଟ ହାଉସଠାରେ କୋଭିଡ ପରିସ୍ଥିତି ନେଇ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ବୈଠକରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଆରକ୍ଷୀ ଅଧୀକ୍ଷକ ଜ୍ଞାନରଞ୍ଜନ ମହାନ୍ତି, ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ମମିତା ହତ୍ୟା ଘଟଣା ମୁଖ୍ୟ ପ୍ରସଙ୍ଗ



ଚିଟୈଗୁଡାରେ ଅନୁଷ୍ଠିତ ସଭାରେ ଭାଜପାର ନେତୃମଣ୍ଡଳୀ।

**କୁନାଗଡ,୧୨।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଟୈଗୁଡାରେ ବୁଧବାର ଭାଜପାର ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଦେବେନ୍ଦ୍ର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ରାଜ୍ୟ ସମ୍ପାଦିକା ଶର୍ମିଷ୍ଠା ମେହେର, ଜିଲା ଉପସଭାପତି ପ୍ରଶାନ୍ତ ସାହୁ, ଅଜୟ ପାଣିଗ୍ରାହୀ, ଜିଲା ଯୁବ ସଭାପତି ବିଜୟ ଦେବ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦୀପଜୌତି ମୁଣ୍ଡ ସାହୁ, ଜିଲା ପୌରାଞ୍ଚଳ ସଂଯୋଜକ ମୁକେଶ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର ସଭା ପରିଚାଳନା କରିଥିଲେ।

**ଭାଜପାର ସାଙ୍ଗଠନିକ ସଭା**

ଆଗାମୀ ପଞ୍ଚାୟତ ନିର୍ବାଚନରେ ମମିତା ମେହେର ହତ୍ୟା ଘଟଣାକୁ ମୁଖ୍ୟ ପ୍ରସଙ୍ଗ କରି ମଇଦାନକୁ ଦଳ ଓହ୍ଲାଇବ ବୋଲି ଅତିଥିମାନେ କହିଥିଲେ। ନିର୍ବାଚନ ବୈତରଣୀ ପାର ହେବା ପାଇଁ କେନ୍ଦ୍ରର ସମସ୍ତ ଯୋଜନା ଓ ଅନୁଦାନକୁ ରାଜ୍ୟ ସରକାର ନିଜର କହି ଲୋକଙ୍କୁ ଭୁଆଁ ବୁଲାଉଥିବା କହିବା ସହ ଗତଥର ଭଳି ଏଥର ମଧ ଭାଜପା କିପରି ନିଜ ବିଜୟ ଧାରାକୁ ବଜାୟ ରଖିବ ସେ ନେଇ ରଣନୀତି ପ୍ରସ୍ତୁତ କରାଯାଇଥିଲା। ସଭାରେ ଜୁନାଗଡ ବ୍ଲକର ବିଭିନ୍ନ ପଞ୍ଚାୟତ ଅନେକ କର୍ମକର୍ତ୍ତା ଯୋଗଦେଇଥିଲେ। ଜିଲା ସମ୍ପାଦକ ସତ୍ୟ ରଞ୍ଜନ ବେହେରା ଧନ୍ୟବାଦ ଦେଇଥିଲେ।

# ଡାକ୍ତରଖାନା ଶିଳାନ୍ୟାସ ଫଳକ ଭାଙ୍ଗିଲେ ଦୁର୍ବୃତ୍ତ

**ଅମରପାଲି,୧୨।୧(ଡି.ଏନ.ଏ.)**

ବୀରମହାରାଜପୁର ବ୍ଲକ ଦୁର୍ଜନତୈଲୋରେ ନିର୍ମାଣ ହେବାକୁ ଥିବା ଡାକ୍ତରଖାନା କୋଠାଘରର ଶିଳାନ୍ୟାସ ଫଳକକୁ ଭାଙ୍ଗି ଦେଇଛନ୍ତି ଦୁର୍ବୃତ୍ତ। ଘଟଣା ଜଣାପଡିବା ପରେ ଦୁର୍ଜନତୈଲୋ ଗ୍ରାମବାସୀ ବୀରମହାରାଜପୁର ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ କୋଠାଘର ନିର୍ମାଣ ପାଇଁ ପ୍ରାୟ ୮୯ ଲକ୍ଷ ଟଙ୍କାର ଅଟକଳ ହୋଇଛି। ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି। ଗତ ୨୭ ତାରିଖରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଏହାର ଶିଳାନ୍ୟାସ କରିଥିଲେ। ମାତ୍ର ଗତ ସୋମବାର ନିକଟସ୍ଥ ସାଗଯୋରୀ ଗ୍ରାମର ଦୁଇଜଣ ବ୍ୟକ୍ତି ଉକ୍ତ ଫଳକକୁ ଭାଙ୍ଗି ଦେବା ସହିତ ସେଠାରେ କାମ କରୁଥିବା ମହିଳାଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗରେ ଦର୍ଶାଯାଇଛି।



### ବାବା ବିଶ୍ୱନାଥ ଚାମ୍ପିୟନ

**ବାଉଁଶୁଣୀ,୧୨।୧(ଡି.ଏନ.ଏ.):** ବୌଦ୍ଧ ବ୍ଲକ ଦନ୍ତାପାଲି ଖେଳପଡ଼ିଆଠାରେ ଚାଲିଥିବା ଜୟ ଜଗନ୍ନାଥ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ବାବା ବିଶ୍ୱନାଥ ମୁଣ୍ଡାପଡାକୁ ୨-୦ ଗୋଲରେ ହରାଇ ବିଜୟୀ ହୋଇଥିଲା। ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରାଯାଇଥିଲା। ଗାନ୍ଧିଜୀ ୟୁଥ କ୍ଲବ ସଭାପତି ମୀନକେତନ ନାଏକ, ସମ୍ପାଦକ ସିପୁନ ନାଏକଙ୍କ ସମେତ କ୍ଲବର ସମସ୍ତ କର୍ମକର୍ତ୍ତା ଉଦ୍‌ଯାପନୀ ଦିବସରେ ଉପସ୍ଥିତ ରହି ଟୁର୍ନାମେଣ୍ଟର ସଫଳ ଆୟୋଜନରେ ସହଯୋଗ କରିଥିଲେ।

# ମଣ୍ଡି ପାଲଟିଲା କୃତ୍ରିମ ପୋଖରୀ

**ଜୁନାଗଡ,୧୨।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକରେ ବୁଧବାର ଲଗାଣ ବର୍ଷା ହୋଇଛି। ଫଳରେ ଖୋଲା ଆକାଶ ତଳେ ଚାଲିଥିବା ମଣ୍ଡିଗୁଡିକରେ ବେହାଲ ପରିସ୍ଥିତି ଦେଖିବାକୁ ମିଳିଛି। ମଣ୍ଡିରେ ବିକ୍ରି ନ ହୋଇ ପଡିରହିଥିବା ଅନେକ ମଣ୍ଡିର ଶହ ଶହ କୁଇଣ୍ଟାଲ ଧାନ ଭିଜି ନଷ୍ଟ ହୋଇଯାଇଥିବା ଆଶଙ୍କା କରାଯାଉଛି। ବ୍ଲକର ମୁଣ୍ଡିଗୁଡା ମଣ୍ଡିରେ ବର୍ଷା ପାଣି ଜମିଯିବାରୁ କୃତ୍ରିମ ପୋଖରୀ ଭଳି ଦେଖିବାକୁ ମିଳିଥିଲା। ପରେ ସ୍ଥାନୀୟ ଚାଷୀମାନେ ମଣ୍ଡିରେ ଜମି ରହିଥିବା ବର୍ଷା ପାଣିକୁ ନିଷ୍କାସନ କରିଥିଲେ। ଗତ କିଛିଦିନ ତଳେ କଟନି ଛଟନି ନେଇ ଧାନ ଉଠାଣ ପ୍ରକ୍ରିୟା ମନ୍ଥର ହୋଇଥିବାବେଳେ ଏବେ ଚାଷୀଙ୍କ ପାଇଁ ପ୍ରକୃତି ଦଇବ ସାଜିଛି। ଏହାକୁ ନେଇ ସ୍ଥାନୀୟ ଚାଷୀମାନେ ଦୁଃଖରେ ଭାଙ୍ଗିପଡିଛନ୍ତି।


ମୁଣ୍ଡିଗୁଡା ମଣ୍ଡି କୃତ୍ରିମ ପୋଖରୀ ପାଲଟିଛି।

# ୭ବର୍ଷରେ ଖଟରେ ଶଯ୍ୟାଶାୟୀ ସୁଲଗ୍ନା

**ବାଉଁଶୁଣୀ,୧୨।୧(ଡି.ଏନ.ଏ.)**

ଝିଅଟିର ବୟସ ୭ ବର୍ଷ। ନାଁ ସୁଲଗ୍ନା। ଯେଉଁ ବୟସରେ ସେ ସାଙ୍ଗସାଥୀ ମେଳରେ ଖେଳିବା, ବୁଲିବା,ପାଠପଢିବା କଥା ସେହି ସମୟରେ ସେ ବିଛଣାରେ ଶଯ୍ୟାଶାୟୀ। ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ଭାଗ୍ୟ ଓ ଭଗବାନଙ୍କ ଭରସାରେ ବିତୁଛି ଦିନ। ବୌଦ୍ଧ ଜିଲା ବ୍ରାହ୍ମଣପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସାନ୍ତୁମ ଗ୍ରାମର ସୁରୁବାବୁ ମହାକୁଡଙ୍କ ଝିଅ ହେଉଛନ୍ତି ସୁଲଗ୍ନା। ମାର୍ଗଶୀର ମାସ ଗୁରୁବାର ଭୋର ସମୟରେ ଜନ୍ମ ହୋଇଥିବାରୁ ବାପା ମା' ଝିଅର ନାଁ ରଖିଥିଲେ ସୁଲଗ୍ନା। ଜନ୍ମ ସମୟରେ ସବୁ କିଛି ଠିକ୍ ଠାକ୍ ଥିଲା। ହେଲେ ବୟସ ବଢିବା ସାଙ୍ଗକୁ ସ୍ୱାସ୍ଥ୍ୟାବସ୍ଥାରେ ଧୀରେ ଧୀରେ ଜଟିଳତା ଦେଖାଦେଲା। ପରେ ଗୋଡ଼, ହାତ ଠିକ ଭାବେ କାମ କଲାନାହିଁ। ଏପରି କି ବସିହେଲା ନାହିଁ କି ଠିଆ ହୋଇ ପାରିଲା ନାହିଁ। କଥା କହିବା ବି କଷ୍ଟକର ହେଲା । ପରିବାର ଲୋକେ ସୁଲଗ୍ନାକୁ ବିଭିନ୍ନ ଡାକ୍ତରଖାନା ନେଇ ଡାକ୍ତରଙ୍କୁ ଦେଖାଇଥିଲେ। ଚିକିତ୍ସାରେ କିଛି ଦିନ ରହି ବି କୌଣସି ସୁଫଳ ମିଳିଲା ନାହିଁ। ଏବେ ଝିଅଟି ଖଟରେ ପଡ଼ିରହିଛି। ପରିବାରର ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିବାରୁ ଉନ୍ନତମାନର ଚିକିତ୍ସା ସେବା ଯୋଗାଇବା ସମ୍ଭବ ହେଉନାହିଁ। ଅପରପକ୍ଷରେ ସୁଲଗ୍ନା ନାଁରେ ଆଧାର କାର୍ଡ ନ ଥିବାରୁ ସେ ସରକାରୀ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଆଧାର କାର୍ଡ ପାଇଁ ତୃଣମୂଳ ସ୍ତରରୁ ଆରମ୍ଭ କରି ବିଡିଓଙ୍କ ପର୍ଯ୍ୟନ୍ତ ଜଣାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇନାହିଁ। ସୁରୁବାବୁଙ୍କ କହିବା ଅନୁଯାୟୀ, ଝିଅର ଆଧାର କାର୍ଡ ତିଆରି କରିବା ପାଇଁ ଗଲେ ସମସ୍ତେ ମନା କରି ଦେଉଛନ୍ତି। କାରଣ ସୁଲଗ୍ନାଙ୍କ ଟିପଚିହ୍ନ କମ୍ପ୍ୟୁଟର ନେଉନାହିଁ। ବିନା ଆଧାର କାର୍ଡରେ ସରକାରୀ ଅଧିକାରୀମାନେ ସରକାରୀ ଯୋଜନାରେ ମିଳିବାକୁ ଥିବା ସହାୟତା ଦେବାକୁ ମନା କରି ଦେଉଛନ୍ତି। ଫଳରେ ଉପଯୁକ୍ତ ଚିକିତ୍ସା ଅଭାବରୁ ଝିଅର ଅବସ୍ଥା ଦିନକୁ ଦିନ ବିଗିଡିବାରେ ଲାଗିଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

**ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ**


ଖଟରେ ଶଯ୍ୟାଶାୟୀ ସୁଲଗ୍ନା।